# NATIONAL NEWS BULLETIN (ODIA)

**8 May - 2024**

**Mid Bulletin : 1.50 p.m.**

# ମୁଖ୍ୟ ସମ୍ବାଦ

- ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତେଲଙ୍ଗାନାର ଏକ ନିର୍ବାଚନୀ ସଭାକୁ ଉଦ୍‌ବୋଧନ ଦେଇ ଏନ୍‌ଡିଏ ସରକାରଙ୍କ ସଫଳତା ଉପରେ କଲେ ଆଲୋକପାତ ।

- ହରିଆଣା ବିଜେପି ସରକାରରୁ ସମର୍ଥନ ପ୍ରତ୍ୟାହାର କଲେ ୩ ସ୍ୱାଧୀନ ସଦସ୍ୟ ।

- କର୍ମଚାରୀଙ୍କ ସାମୂହିକ ଛୁଟି ଯୋଗୁଁ କେରଳର ୪ଟି ଅନ୍ତର୍ଜାତୀୟ ବିମାନବନ୍ଦରରୁ ଏୟାର ଇଣ୍ଡିଆ ଏକ୍ସପ୍ରେସର ଅନେକ ବିମାନ ଚଳାଚଳ ବାଧାପ୍ରାପ୍ତ ।

- ପାକିସ୍ତାନୀ ସଂସ୍କୃତି ବିରୋଧରେ ରବୀନ୍ଦ୍ର ସାହିତ୍ୟ ହେଉଛି ଆମର ମୁଖ୍ୟ ଅସ୍ତ୍ର, କହିଲେ ବାଂଲାଦେଶ ରାଷ୍ଟ୍ରପତି

ଏବଂ

- ରୁଷୀୟ ସେନାରେ ଲଢ଼ିବା ପାଇଁ ଭାରତୀୟ ନାଗରିକଙ୍କୁ ଚୋରା ଚାଲାଣ ମାମଲାରେ ୪ ଜଣଙ୍କୁ ଗିରଫ କଲା ସିବିଆଇ ।

## ପିଏମ୍‌-କରିମ୍‌ନଗର ର୍ୟାଲି

ତେଲଙ୍ଗାନାର କରିମନଗର ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭେମୁଲାୱାଡ଼ାଠାରେ ଆଜି ପୂର୍ବାହ୍ନରେ ଏକ ନିର୍ବାଚନୀ ସଭାକୁ ଉଦ୍‌ବୋଧନ ଦେଇ ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଗତ ୧୦ବର୍ଷରେ ଏନ୍‌ଡିଏ ସରକାରଙ୍କ ସଫଳତା ଉପରେ ଆଲୋକପାତ କରିଛନ୍ତି । ସେ କହିଛନ୍ତି  ଏବେ ଭାରତ ପ୍ରତିରକ୍ଷା କ୍ଷେତ୍ରରେ କେବଳ ଆତ୍ମନିର୍ଭର ହୋଇନାହିଁ, ବରଂ ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ ମଧ୍ୟ କରିପାରୁଛି । ଜାମ୍ମୁ କାଶ୍ମୀରରେ ଧାରା ୩୭୦ ଉଚ୍ଛେଦ ଏକ ସଫଳ ପଦକ୍ଷେପ ବୋଲି ସେ ବର୍ଣ୍ଣନା କରିଛନ୍ତି । ଅନ୍ୟ ରାଜନୈତିକ ଦଳ ଗୁଡ଼ିକ ପରିବାରବାଦ ଉପରେ ନିର୍ଭରଶୀଳ ଥିବା ବେଳେ ବିଜେପି ଦେଶର ସ୍ୱାର୍ଥକୁ ସର୍ବଦା ପ୍ରାଧାନ୍ୟ ଦେଇଆସିଛି ବୋଲି ସେ କହିଛନ୍ତି । ରାଜ୍ୟରେ ଦୁର୍ନୀତି ବୃଦ୍ଧି ପାଇଛି ବୋଲି ସେ ଅଭିଯୋଗ କରିଛନ୍ତି । ଏହି ନିର୍ବାଚନରେ କଂଗ୍ରେସ ଏବଂ ଇଣ୍ଡି ମେଣ୍ଟ ବହୁ ପଛରେ ରହିବ ବୋଲି ସେ କହିଛନ୍ତି । ଏହି ନିର୍ବାଚନୀ ର୍‍ୟାଲି ପୂର୍ବରୁ ପ୍ରଧାନମନ୍ତ୍ରୀ ସେଠାରେ ରାଜା ରାଜେଶ୍ୱର ସ୍ୱାମୀ ଦେବସ୍ଥାନ ଦର୍ଶନ କରିଥିଲେ ।

## ହରିଆଣା-ଇଣ୍ଡିପେଣ୍ଡେଣ୍ଟ୍ ଏମ୍‌ଏଲ୍‌ଏ

ହରିଆଣା ବିଧାନସଭାରେ ବିଜେପି ସରକାରକୁ ସମର୍ଥନ ଦେଉଥିବା ୩ ଜଣ ସ୍ୱାଧୀନ ବିଧାୟକ ସେମାନଙ୍କ ସମର୍ଥନ ପ୍ରତ୍ୟାହାର କରିଛନ୍ତି । ସେମାନେ ହେଲେ ପୁଣ୍ଡରୀ ବିଧାନସଭା ଆସନର ରନ୍ଧିର ଗୋଲେନ ଏବଂ ନିଲୋଖେରି ବିଧାନସଭା ଆସନର ଧରମପାଲ ଗୋଣ୍ଡର ଏବଂ ଦାଦ୍ରିର ସୋମବୀର ସିଂ ସଙ୍ଗୱାନ୍ । ଏହି ୩ ଜଣ ବିଧାୟକ ତାଙ୍କର ଇସ୍ତଫାପତ୍ର ହରିଆଣା ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରେୟଙ୍କ ନିକଟକୁ ପଠାଇ ଦେଇଛନ୍ତି ।

ଗତକାଲି ସନ୍ଧ୍ୟାରେ ରୋହତକ୍ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସେମାନେ ଏହି ବିଷୟରେ ଘୋଷଣା କରିଛନ୍ତି । ସେମାନେ କହିଛନ୍ତି ଯେ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେମାନେ ଏହି ସମର୍ଥନ ପ୍ରତ୍ୟାହାର କରିଛନ୍ତି । ବିଧାୟକ ଗୋଲେନ୍ କହିଛନ୍ତି ରାଜ୍ୟରେ ବେରୋଜଗାରୀ ବୃଦ୍ଧି ପାଇବା ସହ ଦରଦାମ ବୃଦ୍ଧି ସେମାନଙ୍କ ସମର୍ଥନ ପ୍ରତ୍ୟାହାରର ଏକ ମୁଖ୍ୟ କାରଣ । ଅନ୍ୟପକ୍ଷରେ ହରିଆଣା ମୁଖ୍ୟମନ୍ତ୍ରୀ ନାଏବ ସିଂ ସଇନି କହିଛନ୍ତି କିଛି ବିଧାୟକଙ୍କର ରହିଥିବା ଉଚ୍ଚଆଶାକୁ ସବୁବେଳେ ପୂରଣ କରିବା ସମ୍ଭବ ନୁହେଁ ଏବଂ ଏ ବିଷୟରେ ରାଜ୍ୟବାସୀ ମଧ୍ୟ ଜାଣିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଗଣମାଧ୍ୟମ ସଚିବ ପ୍ରବୀଣ ଆତ୍ରେ କହିଛନ୍ତି ଏହି ୩ଜଣଙ୍କର ସମର୍ଥନ ପ୍ରତ୍ୟାହାର ଦ୍ୱାରା ବିଜେପି ସରକାର ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ । ଏବେ ମଧ୍ୟ ୯୦ ଆସନ ବିଶିଷ୍ଟ ବିଧାନସଭାରେ ୪୭ ଜଣ ସଦସ୍ୟଙ୍କର ସରକାରଙ୍କ ପ୍ରତି ସମର୍ଥନ ରହିଛି । ସେ କହିଛନ୍ତି ଆଇନ ଦୃଷ୍ଟିକୋଣରୁ ଦେଖିଲେ ବିରୋଧୀ ଦଳ ବିଧାନସଭାରେ ଅନାସ୍ଥା ପ୍ରସ୍ତାବ ଏବେ ଆଗତ କରିପାରିବେ ନାହିଁ । କାରଣ ଗତ ମାର୍ଚ୍ଚ ମାସ ବଜେଟ୍ ଅଧିବେଶନରେ ସେମାନେ ଏକ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ ଏବଂ ଏପର୍ଯ୍ୟନ୍ତ ଏହା ମଧ୍ୟରେ ୬ ମାସ ସମୟ ଅତିକ୍ରାନ୍ତ ହୋଇନାହିଁ ।

ହରିଆଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା ଭୂପିନ୍ଦର ସିଂ ହୁଡା ଏହି ସ୍ୱାଧୀନ ବିଧାୟକଙ୍କ ପ୍ରତି ସମର୍ଥନ ଜ୍ଞାପନ କରିବା ସହ ସରକାରଙ୍କ ଉପରେ ରହିଥିବା ଅବିଶ୍ୱାସ ଜଣାପଡ଼ିଛି ବୋଲି କହିଛନ୍ତି । ଏଥିସହ ରାଜ୍ୟରେ କଂଗ୍ରେସ ପ୍ରତି ସମର୍ଥନ ବୃଦ୍ଧି ପାଉଛି ବୋଲି ସେ କହିଛନ୍ତି ।

# ରେଡ୍‌କ୍ରସ ଡେ

ବିଶ୍ୱ ରେଡ୍‌କ୍ରସ ଦିବସ ଆଜି ସର୍ବତ୍ର ପାଳନ କରାଯାଉଛି । ସମାଜରେ ସ୍ୱେଚ୍ଛାକୃତ ସେବା ଓ ଏକତା ମନୋଭାବ ନେଇ କାର୍ଯ୍ୟ କରିବାକୁ ଏହି ଦିବସ ସର୍ବଦା ପ୍ରେରଣା ଦେଇ ଆସିଛି । ରେଡ୍‌କ୍ରସ ଓ ରେଡ୍ କ୍ରିସେଣ୍ଟ ଆନ୍ଦୋଳନର ପ୍ରତିଷ୍ଠାତା ହେନେରୀ ଡିଓନାଣ୍ଟଙ୍କ ସମ୍ମାନାର୍ଥେ ପ୍ରତିବର୍ଷ ମଇ ମାସ ୮ ତାରିଖ ଆଜିର ଦିନରେ ବିଶ୍ୱ ରେଡ୍‌କ୍ରସ ଦିବସ ପାଳିତ ହୋଇଆସୁଛି । ଅନ୍ତର୍ଜାତୀୟ ରେଡ୍‌କ୍ରସ ଓ ରେଡ୍ କ୍ରିସେଣ୍ଟ ଆନ୍ଦୋଳନ ସଂପର୍କରେ ଲୋକଙ୍କ ଧାରଣାକୁ ବ୍ୟାପକ କରିବା ପାଇଁ ଏହି ଦିବସ ପାଳନ କରାଯାଇଥାଏ ।

ସେହିପରି ଆଜି ମଧ୍ୟ ବିଶ୍ୱ ଥାଲାସେମିଆ ଦିବସ ପାଳନ କରାଯାଉଛି । ଦେଶରେ ମୋଟ୍ ଜନସଂଖ୍ୟାର ପ୍ରାୟ ୧ ଦଶମିକ ୫ ପ୍ରତିଶତ ଲୋକ ଥାଲାସେମିଆରେ ଆକ୍ରାନ୍ତ ହୋଇଥିବା ବେଳେ ରାଜ୍ୟରେ ୧୨ ହଜାରରୁ ଅଧିକ ଥାଲାସେମିଆ ରୋଗୀ ରହିଥିବା ଜଣାପଡ଼ିଛି । ଥାଲାସେମିଆ ଏକ ରକ୍ତ ବିକାର ସମସ୍ୟା । ଏହି ରୋଗର କାରଣ ଓ ଚିକିତ୍ସା ସଂପର୍କରେ ଅବଗତ କରାଇବା ପାଇଁ ଏହି ଦିବସ ପାଳନ କରାଯାଉଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି ।

# କେରଳ – ବିମାନ ଚଳାଚଳ ବାଧାପ୍ରାପ୍ତ

କେରଳର ୪ଟି ଅନ୍ତର୍ଜାତୀୟ ବିମାନବନ୍ଦରରୁ ଗତକାଲି ରାତିରୁ ଏୟାର ଇଣ୍ଡିଆ ଏକ୍ସପ୍ରେସର ଅନେକ ବିମାନ ଚଳାଚଳ ବାଧାପ୍ରାପ୍ତ

ହୋଇଛି । ଏୟାରଲାଇନ୍ସ ପରିଚାଳନାର କେତେକ ନୀତିକୁ ବିରୋଧ କରି ଏୟାର ଇଣ୍ଡିଆର ଅନେକ କର୍ମଚାରୀ ସାମୂହିକ ଭାବେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଛୁଟି ନେଇଛନ୍ତି। ଫଳରେ କୋଚିନ୍ ଅନ୍ତର୍ଜାତୀୟ ବିମାନବନ୍ଦରରୁ ୪ଟି ଅନ୍ତର୍ଜାତୀୟ ବିମାନ ଉଡ଼ଣ ଏବଂ ବେଙ୍ଗାଲୁରୁକୁ ଯାଉଥିବା ଗୋଟିଏ ଘରୋଇ ବିମାନକୁ ବାତିଲ କରାଯାଇଛି। ଫଳରେ  ଶାରଜା, ବାହାରିନ, ଦମ୍ମାମ୍ ଏବଂ ମସ୍କଟକୁ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି ।

ଏହାବ୍ୟତୀତ ଆଜି ସନ୍ଧ୍ୟାରେ ମସ୍କଟ, ବାହାରିନ୍ ଏବଂ ଦମ୍ମାମରୁ ଆସିବାକୁଥିବା ଏୟାର ଇଣ୍ଡିଆ ବିମାନକୁ ମଧ ବାତିଲ କରାଯାଇଛି। ସେହିପରି ଥିରୁଅନନ୍ତପୁରମରୁ ମଧ୍ୟ ଶାରଜା, ଦୁବାଇ, ମସ୍କଟ ଏବଂ ଆବୁଧାବି ଅଭିମୁଖେ ଯାଉଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସର ବିମାନକୁ ବାତିଲ କରାଯାଇଛି। କୋଝିକୋଡ଼ରେ ଦୋହା, ଜେଦ୍ଦା, ରାସ୍ ଅଲ୍ ଖଇମା, ଦୁବାଇ ଓ କୁଏତ କୁ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଥିବା ବେଳେ କନ୍ନୁର ବିମାନ ବନ୍ଦରରୁ ମସ୍କଟ, ଶାରଜା ଓ ଆବୁଧାବିକୁ ବିମାନ ଉଡ଼ାଣ ବାତିଲ କରାଯାଇଛି। ଯାତ୍ରୀମାନେ ସଂପୃକ୍ତ ବିମାନବନ୍ଦରରେ ପହଞ୍ଚିବା ପରେ ହିଁ ବିମାନ ଚଳାଚଳ ବାଧାପ୍ରାପ୍ତ ହେବା ବିଷୟରେ ଅବଗତ ହୋଇଥିଲେ। ବିମାନ ଚଳାଚଳ ପୁନଃ ଆରମ୍ଭ ନେଇ ଅନିଶ୍ଚିତତା ସତ୍ତ୍ୱେ ଏୟାରଲାଇନ୍ସ ଦ୍ୱାରା ପରିଚାଳିତ ଅନ୍ୟ ବିମାନରେ  ଯାତ୍ରୀମାନଙ୍କୁ ଗନ୍ତବ୍ୟସ୍ଥଳକୁ ଯିବା ନେଇ ପରାମର୍ଶ ଦିଆଯାଇଛି ।

## ବଙ୍ଗଳା ରାଷ୍ଟ୍ରପତି – ଟାଗୋର

ବାଂଲାଦେଶର ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ କହିଛନ୍ତି ଯେ ରବୀନ୍ଦ୍ର ସାହିତ୍ୟ ହେଉଛି ପାକିସ୍ତାନୀ ସଂସ୍କୃତି ବିରୋଧରେ ଆମର ମୁଖ୍ୟ

ଅସ୍ତ୍ର । ରବୀନ୍ଦ୍ର ନାଥ ଟାଗୋରଙ୍କ ୧୬୩ତମ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସେ କହିଛନ୍ତି ଟାଗୋରଙ୍କ ଗୀତ ବାଂଲାଦେଶର ମହାନ ମୁକ୍ତି ସଂଗ୍ରାମ ପାଇଁ ପ୍ରେରଣା ଯୋଗାଇଥିଲା । ରାଷ୍ଟ୍ରପତି କହିଥିଲେ ଯେ ବଙ୍ଗଳା ସାହିତ୍ୟର ଉଜ୍ଜ୍ୱଳ ତାରକା ରବୀନ୍ଦ୍ରନାଥ ଟାଗୋର ସାହିତ୍ୟ କ୍ଷେତ୍ରରେ ଜଣେ ଚମତ୍କାର ପ୍ରତିଭା ଏବଂ ସେ ବଙ୍ଗଳା ସାହିତ୍ୟକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି ।

ବାଂଲାଦେଶର ପ୍ରଧାନମନ୍ତ୍ରୀ ଶେଖ୍ ହସିନା ତାଙ୍କ ବାର୍ତ୍ତାରେ କହିଛନ୍ତି ଯେ ରବୀନ୍ଦ୍ରନାଥ ଟାଗୋରଙ୍କ ଯାଦୁକରୀ ହାତରେ ବଙ୍ଗୀୟ କବିତା, ଗୀତ, କ୍ଷୁଦ୍ରଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ନାଟକ, ଗୀତିନାଟ୍ୟ ଏବଂ ନୃତ୍ୟନାଟିକା ପୂର୍ଣ୍ଣତା ପାଇଛି । ଟାଗୋରଙ୍କ 'ସୋନାର ବାଙ୍ଗଳା' ଭାବନାରେ ଅନୁପ୍ରାଣିତ ହୋଇ ବାଂଲାଦେଶର ଜାତିର ପିତା ବଙ୍ଗବନ୍ଧୁ ଶେଖ୍ ମୁଜିବୁର ରେହମାନ ସୋନାର ବାଙ୍ଗଳାକୁ ସ୍ୱାଧୀନ କରିବା ପାଇଁ ଶପଥ ନେଇଥିଲେ । ଗୁରୁଦେବ ରବୀନ୍ଦ୍ରନାଥ ଟାଗୋରଙ୍କ ଜୟନ୍ତୀ ଅବସରରେ ବାଂଲାଦେଶ ସରକାର ଏକ ବିସ୍ତୃତ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି ।

## ସିବିଆଇ-ଚୋରା ଚାଲାଣ ମାମଲା

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ- ସିବିଆଇ ରୁଷୀୟ ସେନାରେ ଲଢ଼ିବା ପାଇଁ ଭାରତୀୟ ନାଗରିକଙ୍କୁ ଚୋରା ଚାଲାଣ ମାମଲାରେ ୪ ଜଣଙ୍କୁ ଗିରଫ କରିଛି । ସିବିଆଇ କହିଛି ଯେ ବିଦେଶରେ ଲୋଭନୀୟ ଚାକିରି ବାହାନାରେ ନିରୀହ ଯୁବକଙ୍କୁ ଲକ୍ଷ୍ୟ ରଖି ସାରା ଦେଶରେ ଚାଲୁଥିବା ଏକ ପ୍ରମୁଖ ମାନବ ଚାଲାଣ ନେଟୱର୍କ ଧରାପଡ଼ିଛି । ଗିରଫ ହୋଇଥିବା

୪ଜଣଙ୍କ ମଧ୍ୟରୁ  ଦୁଇ ଜଣ କେରଳର ହୋଇଥିବା ବେଳେ ଅନ୍ୟ ଦୁଇଜଣ ମୁମ୍ବାଇର ବାସିନ୍ଦା ବୋଲି ଜଣାପଡ଼ିଛି ।

ସିବିଆଇ କହିଛି, ସୋସିଆଲ ମିଡିଆ ପ୍ଲାଟଫର୍ମ ମାଧମରେ ଏଭଳି ଠକେଇ କାର୍ଯ୍ୟ ଚାଲୁଥିଲା ।  ଚୋରା ଚାଲାଣ ହୋଇଥିବା ଭାରତୀୟ ନାଗରିକମାନଙ୍କୁ ଯୁଦ୍ଧ ପାଇଁ ତାଲିମ ଦିଆଯାଇଥିଲା ଏବଂ ସେମାନଙ୍କ ଇଚ୍ଛା ବିରୁଦ୍ଧରେ ରୁଷିଆ-ୟୁକ୍ରେନ ଯୁଦ୍ଧ କ୍ଷେତ୍ରର ସମ୍ମୁଖ ଘାଟିରେ ନିୟୋଜିତ କରାଯାଇଥିଲା ବୋଲି ସିବିଆଇ କହିଛି । ରୁଷିଆକୁ ଭାରତୀୟ ନାଗରିକଙ୍କ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ଘରୋଇ ଭିସା କନସଲଟାନ୍ସି ଫାର୍ମ ଏବଂ ଏଜେଣ୍ଟଙ୍କ ବିରୋଧରେ ମାନବ ଚାଲାଣ ମାମଲା ରୁଜୁ ହୋଇଛି ।

## ପୁଞ୍ଚ - କାସୋ

ଜମ୍ମୁ-କଶ୍ମୀରର ଶାଇସ୍ତାରଠାରେ ଭାରତୀୟ ବାୟୁସେନାର ଏକ ଗାଡ଼ି ଉପରେ ଆତଙ୍କବାଦୀଙ୍କ ଆକ୍ରମଣ ପରେ ପୁଞ୍ଚ ଜଙ୍ଗଲରେ ଘେରାଉ ଏବଂ ସର୍ଚ୍ଚ ଅପରେସନ୍  ଜାରି ରହିଛି । ପୁଞ୍ଚର ସନାଇ, ଶାସ୍ତାର, ଗୁରସାଇ ଟପ୍ ଓ ଶିନ୍ଧରା ଅଞ୍ଚଳ ସମେତ ଘଞ୍ଚ ଜଙ୍ଗଲ ଅଞ୍ଚଳରେ  ଆଜିକୁ ୫ ଦିନ ଧରି ସେନା ଓ ପୁଲିସ ସର୍ଚ୍ଚ ଅପରେସନ୍ ଚଳାଇଛି ।

ସୂଚନାଯୋଗ୍ୟ ଶନିବାର ସନ୍ଧ୍ୟାରେ ପୁଞ୍ଚର ଶାଇସ୍ତାରଠାରେ ଆତଙ୍କବାଦୀମାନେ ବାୟୁସେନାର ଏକ ଗାଡ଼ି ଉପରକୁ ଆକ୍ରମଣ କରିଥିଲେ । ଏଥିରେ ଜଣେ ବାୟୁସେନା ଯବାନ ସହିଦ ହୋଇଥିବା ବେଳେ ଅନ୍ୟ ୫ ଜଣ ଆହତ ହୋଇଥିଲେ । ଜଙ୍ଗଲ ଘଞ୍ଚ ଥିବାରୁ କିଛି

ସ୍ଥାନରେ ଖୋଜାଖୋଜି ପାଇଁ ସୁରକ୍ଷା ବାହିନୀ ଡ୍ରୋନ୍ ଓ ହେଲିକପ୍ଟର ସମେତ ହାଇଟେକ୍ ଉପକରଣ ବ୍ୟବହାର କରୁଛନ୍ତି । ପଚରାଉଚରା ପାଇଁ ସୁରକ୍ଷାବାହିନୀ ଅନେକ ଲୋକଙ୍କୁ ଅଟକ ରଖିଥିଲା । ତେବେ ସୁରକ୍ଷା ବାହିନୀ ଦ୍ୱାରା ଛାଡି ଦିଆଯାଇଥିବା ସ୍କେଚ୍ ରୁ ସ୍ଥାନୀୟ ଲୋକେ ଆତଙ୍କବାଦୀଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ଖାଦ୍ୟ ଯୋଗାଉଥିବା ଦାବି କରିବା ପରେ ସୁରକ୍ଷା ବାହିନୀକୁ ଏକ ବଡ଼ ସଫଳତା ମିଳିଛି ।

## ନୌସେନା

ରିୟର ଆଡମିରାଲ ରାଜେଶ ଧନକରଙ୍କ ନେତୃତ୍ୱରେ ଭାରତୀୟ ନୌସେନା ପ୍ରତିନିଧି ଦଳ ଗତକାଲି ସିଙ୍ଗାପୁର ଗସ୍ତ କରିଥିଲେ । ସାମୁଦ୍ରିକ ନିରାପତ୍ତା ସହଯୋଗ ବୃଦ୍ଧି ଏବଂ ଭାରତ ଓ ସିଙ୍ଗାପୁର ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କକୁ ସୁଦୃଢ଼ କରିବା ଏହି ଗସ୍ତର ଉଦ୍ଦେଶ୍ୟ । ଏହି ସମୟରେ ପ୍ରତିନିଧି ଦଳ  ସିଙ୍ଗାପୁରର ସାମ୍ପ୍ରତିକ ସାମୁଦ୍ରିକ ନିରାପତ୍ତା ଏବଂ ଜରୁରୀ କାଳୀନ ବିପଦକୁ ପ୍ରତିହତ କରିବାର ଉପାୟ ଉପରେ ଆଲୋଚନା କରିଥିଲେ । ସେମାନେ ଆଇଏଫସି ସିଙ୍ଗାପୁର ଏବଂ ଭାରତୀୟ ନୌସେନା ସହ ପାରସ୍ପରିକ ସଂପର୍କ ଉପରେ ଆଲୋଚନା କରିଥିଲେ ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ସନ୍ଧ୍ୟା ସାଢ଼େ ୭ଟାରେ ହାଇଦ୍ରାବାଦଠାରେ ସନରାଇଜର୍ସ ଆଇଦ୍ରାବାଦ ଏବଂ ଲକ୍ଷ୍ନୌ ସୁପର ଜିଆଣ୍ଟ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ । ସନ୍‌ରାଇଜର୍ସ ହାଇଦ୍ରାବାଦ ଏପର୍ଯ୍ୟନ୍ତ ଖେଳିଥିବା ୧୧ଟି ମ୍ୟାଚ୍‌ରୁ ୬ଟିରେ ବିଜୟ ଏବଂ ୫ଟିରେ ପରାଜୟ ସହ ୧୨ ପଏଣ୍ଟ

ପାଇଥିବା ବେଳେ ଲକ୍ଷ୍ନୌ ୧୧ଟି ମ୍ୟାଚ୍‌ରୁ ସମପରିମାଣର ବିଜୟ ଏବଂ ପରାଜୟ ସହ ୧୨ ପଏଣ୍ଟ ପାଇଛି । ଦୁଇଦଳ ସମାନ ସ୍ଥିତିରେ ଥିବାରୁ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହେବା ନେଇ ଆଶା କରାଯାଉଛି ।